# Akashvani, Sambalpur

## SAMBALPURI NEWS BULLETIN

### 9 November 2025 – 6.47- 6.52 am.

*******************************************

ନୂଆପଡ଼ା ଉପ ନିର୍ବାଚନ୍      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ଲାଗି ପ୍ରଚାର୍ କାମ୍ ଆଏଜ୍ ଶେଷ୍ ହେଉଛେ । ଉପର୍‌ବେଲା ୪ ବଜେନୁ ପ୍ରଚାର୍ ବନ୍ଦ୍ କର୍‌ବାର୍ ଲାଗି ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ କଟ୍‌କନା ୧୧ ତାରିଖ୍ ବେଲ୍‌ବୁଡ଼ାତକ୍ ରହେବା । ଗଣମାଧ୍ୟମ୍ ପ୍ରସାରଣ୍ ଟେଲିଭିଜନ୍ ଆଉ ଡିଜିଟାଲ୍ ପ୍ଲାଟଫର୍ମଥି ରାଜନୈତିକ୍ ବିଜ୍ଞାପନ୍ ଉପ୍‌ରେ ଭିଲ୍ କଟ୍‌କନା ଲାଗୁ କରାଯାଇଛେ । ମୁକ୍ତ, ଅବାଧ ଆର୍ ଶାନ୍ତିଶୃଙ୍ଖଲାର୍ ସହେତେ ଉପ ନିର୍ବାଚନ୍ ଶେଷ୍ କର୍‌ବାର୍ ଲାଗି ପୁଲିସ୍ ଆଉ କେନ୍ଦ୍ରୀୟ ସଶକ୍ତ ବଲ୍‌କେ ନିୟୋଜିତ୍ କରାଯାଇଛେ ।

ସେଆଡ଼େ ଉପନିର୍ବାଚନ୍ ଲାଗି ଗଲାକାଏଲ୍ ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍ ସହେତେ ଅଲ୍‌ଗା ଦଲ୍ ଆଉ ସ୍ୱାଧୀନ୍ ପ୍ରାର୍ଥୀମାନେ ନିର୍ବାଚନ୍ ପ୍ରଚାର୍ କରିଛନ୍ ।

ଆଏବା ୧୧ ତାରିଖ୍ ଦିନ ନୂଆପଡ଼ା ବିଧାନସଭା ଉପ ନିର୍ବାଚନ୍ ଲାଗି ଭୋଟ୍ ନିଆଯିବା ଆଉ ୧୪ ତାରିଖ୍‌ଦିନ ଭୋଟ୍ ଗନ୍‌ତି ହେବାର୍ ସହେତେ ଫଲାଫଲ୍ ବାହାର୍‌ବା ।

ରାଜ୍ୟପାଲ୍- ଭାରତ୍ ପର୍ବ I&PR

ଗୁଜରାଟ୍ ର ଏକ୍ତା ନଗର୍ ନ ଥିବା ଷ୍ଟେଚ୍ୟୁ ଅଫ୍ ୟୁନିଟି ପାଶେ ହେଇଥିବା ଭାରତ୍ ପର୍ବ -୨୦୨୫ ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଯୋଗ୍ ଦେଇଛନ୍ । ଇ ଅବ୍ସରେ ସମ୍ବୋଧିତ୍ କରିକରି ଅଲ୍ଗା ରାଜ୍ୟର୍ ଲୁକ୍କୁ କଳା, ସଂସ୍କୃତି ଆଉ ଆଧ୍ୟାତ୍ମିକତାର୍ ଭୂମି ଓଡ଼ିଶା ବୁଲି ଆସ୍ବାର୍କେ ରାଜ୍ୟପାଲ୍ ନିଉତା ଦେଇଛନ୍ । ରାଜ୍ୟପାଲ୍ କହିଛନ୍, ଓଡ଼ିଶା ଏନ୍ତା ଗୁଟେ ରାଜ୍ୟ, ଯେନୁ ଇତିହାସ୍, ଐତିହ୍ୟ ଆଉ ପ୍ରାକୃତିକ୍ ସୌନ୍ଦର୍ଯ୍ୟ ଏକାସାଙ୍ଗେ ଦେଖ୍ବାର୍କେ ମିଲ୍ସି । ରାଜ୍ୟପାଲ୍ଙ୍କର୍ ସହେତେ ବାଚସ୍ପତି ସୁରମା ପାଢ଼ୀ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ଥିଲେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ I&PR

ଏଆଇ ବେଭାର୍ କରିକରି ଗୁଟେ ଜାତୀୟ ଦଲ୍ର ବିଶିଷ୍ଟ ନେତା ଆଉ ସେହି ଦଲର୍ ୫ନେ ନିର୍ବାଚିତ ବିଧାୟକଙ୍କର୍ ବାବ୍ଦେ ଗୁଟେ ବିଭ୍ରାନ୍ତିକର୍ ଫଟୋ ତିଆର୍ କରାଯାଇଥିବାର୍ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ନଜର୍କେ ଆସିଛେ । ସାମାଜିକ୍ ଗଣମାଧ୍ୟମ୍ଥି ଥିବା ଇ ପୋଷ୍ଟ୍କେ ଯାଂଚ୍ କରାଯିବାର୍ ଉତ୍ରୁ ଇଟା ଭୁଲ୍ ଆଉ ଭ୍ରାନ୍ତିକର ବଲି ଜନାପଡ଼ିଛେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ ଇ ଘଟ୍ନାକେ ଗୁରୁତର୍ ସହେତେ ନେଇକରି କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରିଛନ୍ । ଆଏବା ୧୧ ତାରିଖ୍ ନୂଆପଡ଼ା ବିଧାନ୍ସଭା ଉପ ନିର୍ବାଚନ୍ ଭୋଟ୍ ହେବାର୍କେ ଥିବାର୍ ବେଲେ ନିର୍ବାଚନ୍ ବାବଦ୍ କେନ୍ସି ଭିଲ୍ ସୂଚ୍ନା ଆଉ କାହାକେ ପଠାବାର୍ ଆଘୋନୁ ତାର୍ ସତ୍ୟତା ଯାଂଚ୍ କର୍ବାର୍କେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଅନୁରୋଧ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍ ହି.ସ.

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ଦିଆଯାଇଥିବା ସୂଚ୍ନା ଅନ୍ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଲ୍ଗା ଜରୁରୀ କାମ୍ ଥିବାର୍ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଜନଜାତୀୟ ଗୌରବ୍ ବର୍ଷ ଉତ୍ସବ୍ I&PR

ଇ ବଛର୍ ଜନଜାତୀୟ ଗୌରବ୍ ବର୍ଷ ଉତ୍ସବ୍ ନଭେମ୍ବର୍ ୧ ନୁ ୧୫ ତାରିଖ୍ତକ୍ ସାରା ଦେଶେ ପାଲନ୍ କରାଯାଉଛେ । ରାଜ୍ୟ ସର୍କାର୍ଙ୍କର୍

ଅନୁସୂଚିତ୍ ଜାତି- ଜନଜାତି ଉନ୍ନୟନ୍ ଆର୍ ସଂଖ୍ୟାଲଘୁ ଆଉ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍ ତର୍ଫୁ ଧରତି ଆବା ଭଗବାନ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜନମ୍ ବାର୍ଷିକ ଉତ୍ସବ୍ ପାଲନ୍ କରାଯାଉଛେ । ଇ ଅବ୍ସରେ ଭଗବାନ୍ ବିର୍ସାମୁଣ୍ଡା ପାଭିଲିଅନ୍ ତାକର୍ ଜୀବନ୍ ଆଉ ସଂଘର୍ଷ ଆଧାରିତ୍ ଚିତ୍ରକଲା ପ୍ରଦର୍ଶନୀ ସାଙ୍ଗେ ଜନଜାତି ସମୁଦାୟଙ୍କର୍ ବାବ୍ଦେ ଭିନ୍ ଭିନ୍ ପ୍ରଦର୍ଶନୀର୍ ରାଜ୍ୟ ଜନଜାତି ସଂଗ୍ରହାଳୟ ନ ଆୟୋଜନ୍ କରାଯାଇଛେ ।

ମହକ୍ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆଉ ମହିଳା, ଶିଶୁବିକାଶ୍ ବିଭାଗ୍ ତର୍ଫୁ ଆଏବା ୧୧ ନୁ ୧୫ ତାରିଖ୍ତକ୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ - ମହକ୍ ଉତ୍ସବ୍-୨୦୨୫ କାର୍ଯ୍ୟକ୍ରମ ହେବା । ଇ ଅବ୍ସରେ ଶିଶୁ ଯତ୍ନ ଅନୁଷ୍ଠାନ୍ର ଛୁଆମାନ୍କର୍ କ୍ରୀଡ଼ା ଆଉ ସାଂସ୍କୃତିକ୍ ପ୍ରତିଯୋଗିତା ମାନ୍ କରାଯିବା ।

ସଂଗୀତ ସମ୍ମେଳନ ଆର୍ଏନ୍ୟୁ/ କଟକ୍

ଆକାଶ୍‌ବାଣୀ ତର୍‌ଫୁ ୬୭ ନମ୍ବର୍ ସଂଗୀତ ସମ୍ମେଲନ୍ ଭୁବ୍‌ନେଶ୍ୱର୍ ଗୁରୁ କେଲୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ ନ ଗଲାକାଏଲ୍ ହେଇଯାଇଛେ । ପ୍ରସାର୍ ଭାରତୀ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ସଂସ୍କୃତି ମନ୍ତ୍ରଣାଳୟର୍ ମିଳିତ୍ ସହଯୋଗ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ମଡ଼ିଆ ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ମଡ଼ିଆ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ମଡ଼ିଆର୍ ପୁଷ୍ଟିକର ଗୁଣ୍ ସ୍ୱାସ୍ଥ୍ୟ ଲାଗି ଉପକାରିତା ବାବ୍‌ଦେ କହିଥିଲେ । ଇ ଅବ୍‌ସରେ ଚାଷୀମାନ୍‌କୁ ଚାଷ୍‌ର ଭିନ୍ ଭିନ୍ କିସମ୍ ବାବ୍‌ଦେ ଭିଲ୍ କୃଷି ଅଧିକାରୀମାନେ ସୂଚ୍‌ନା ଦେଇଥିଲେ ।

ସୁରଭି-ବୌଦ୍ଧ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ ହଲ୍ ନ ଗଲାକାଏଲ୍ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ହେଇଯାଇଛେ । କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଛୁଆମାନ୍କର୍ ଅର୍ନ୍ତନିହିତ୍ ପ୍ରତିଭାର୍ ବିକାଶ୍ କର୍ବାର୍ ଦିଗେ ସୁରଭି ଗୁଟେ ଉତ୍କୃଷ୍ଟ ମାଧ୍ୟମ୍ ଆଏ ବଲି କହିଛନ୍ । କାର୍ଯ୍ୟକ୍ରମ୍ ଆରମ୍ଭନୁ ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ପାଲନ୍ ଅବ୍ସରେ ସାମୂହିକ୍ ଗାନ୍ କରାଯାଇଥିଲା ।

ବାର୍ଷିକ୍ କ୍ରୀଡ଼ା ପ୍ରତିଯୋଗିତା ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଲୟର୍ ୫୩ ନମ୍ବର୍ ବାର୍ଷିକ୍ କ୍ରୀଡ଼ା ପ୍ରତିଯୋଗିତା ଗଲାକାଏଲ୍ ଝାର୍ସୁଗୁଡ଼ା ଓଏସ୍ଏପି ଖେଲ୍ପଡ଼ିଆ ନ ଉଦ୍ଯାପିତ୍ ହେଇଯାଇଛେ । ବିଶ୍ୱବିଦ୍ୟାଲୟନ ଅଧୀନ୍ଥି ଥିବା ୬୦ ନୁ ଅଏତ୍କା କଲେଜ୍ର ୪ ଶହ ନୁ ଅଏତ୍କା ଖେଲାଲି ଭାଗ୍ ନେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗୁ ସୁଖା ପବନ୍ ଆସୁଥିବାର୍ନୁ ଆଏବା ୨/ ନୁ ୩ ଦିନ୍ ଭିତ୍ରେ ରାତିର୍ ସବୁନୁ କମ୍ ତାପମାତ୍ରା ୩ ନୁ ୪ ଡିଗ୍ରୀ କମ୍ବାର୍ ସମ୍ଭାବନା ଅଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର

ତର୍‌ଫୁଁ କୁହାୟାଇଛେ । ରାଜ୍ୟର୍ ଭିତ୍‌ରିଆ ଇଲାକା ସହେତେ ପଶ୍ଚିମ ଓଡ଼ିଶାର୍ କେତେଟା ଜାଗା ନ କୁହୁଡ଼ି ଦେଖାଦେଇଛେ । ଆଏବା ୧୨ ତାରିଖ୍‌ତକ୍ ରାଏଜେ ପାଗ୍ ଶୁଖା ରହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁଁ କୁହାୟାଇଛେ ।